**୨x୪୦ ଏମ୍‌ଭିଏ ୨୨୦/୩୩ କେଭି ଗ୍ରୀଡ ସବଷ୍ଟେସନ ସ୍ଥାପନ ନିମନ୍ତେ ଅବଶ୍ୟକ ବେସରକାରୀଜମି ଅଧିଗ୍ରହଣ ର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସମ୍ବନ୍ଧେ,ତା.୧୧.୦୪.୨୦୨୩ରିଖରେ ଅନୁଷ୍ଠିତ ବିଶେଷଜ୍ଞ କମିଟି ବୈଠକର ବିବରଣୀ ।**

---

ଯାଜପୁର ସହରରେ"୨x୪୦ ଏମ୍‌ଭିଏ ୨୨୦/୩୩ କେ.ଭି. ଗ୍ରୀଡ ସବଷ୍ଟେସନ ସ୍ଥାପନ" ନିମନ୍ତେ ଦଶରଥପୁର ତହସିଲ ଅନ୍ତର୍ଗତ ମୌଜା-ରାଣୁଆଠାରେ ପ୍ରସ୍ତାବିତ ହୋଇଥିବା ଜମି ଅଧିଗ୍ରହଣର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ମୂଲ୍ୟାଙ୍କନ ପାଇଁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଯାଜପୁରଙ୍କ ଅଧକ୍ଷତାରେ ବିଶେଷଜ୍ଞ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ତା.୧୧.୦୪.୨୩ରିଖି ପୂର୍ବାହ୍ନ ଘ.୧୦.୩୦ମି. ରେ ଏକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଯାଜପୁର, ବିଶେଷଜ୍ଞ କମିଟିର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଆବଶ୍ୟକ ହେଉଥିବାଭୂମି ଅଧିଗ୍ରହଣ ଓ ଉଚିତ ପ୍ରାପ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ପ୍ରଚଳିତ ଆଇନ-୨୦୧୩ **(RFCTLAR&R Act-2013)** ଓ ଓଡିଶା ସରକାରଙ୍କ ଅଧିନିୟମ ନିୟମାବଳୀ-୨୦୧୬ **(ORFCTLAR&R Rules-2016)** ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପର ଆବଶ୍ୟକତା ଓ ସାମିଜିକ ପ୍ରଭାବ ଆକଳନ ଅଧ୍ୟୟନର ସାରମର୍ମ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଶେଷଜ୍ଞ ଓ ଅନ୍ୟ ସଦସ୍ୟ ମାନଙ୍କ ଠାରୁ ଉକ୍ତ ପ୍ରକଳ୍ପ ସମ୍ବନ୍ଧରେ ନିଜର ମତାମତ ଉପସ୍ଥାପନ କରିବାକୁ ଅନୁରୋଧ କରିଥିଲେ । କମିଟିର ସଦସ୍ୟ ବୃନ୍ଦ ସାମାଜିକ ପ୍ରଭାବ ଆକଳନର ଚୂଡାନ୍ତ ବିବରଣୀକୁ ତର୍ଜମା କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନିତ ହୋଇଥିଲେ ।

୧. ବିଦ୍ୟୁତସେବା ଆଜିର ଯୁଗରେ ଏକ ମୌଳିକ ଆବଶ୍ୟକତା ଅଟେ ଏବଂ ପ୍ରତ୍ୟେକଲୋକ ଏଥିରୁ ଉପକୃତ ହେବା ସରକାରଙ୍କର ଲକ୍ଷ୍ୟ ରହିଛି ।

୨. ଉକ୍ତ ପ୍ରକଳ୍ପ ଦ୍ୱାରା ଦଶରଥପୁର ବ୍ଲକର ବହୁଦିନର ବିଦ୍ୟୁତ ଜନିତ ସମସ୍ୟାକୁ ଦୂରୀଭୂତ କରିବା ସହ ନିରବିଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାରେ ସହାୟକ ହେବ ।

୩. ଏହା ପାରିପାର୍ଶ୍ୱିକ ଗ୍ରାମର କୃଷିର ଉନ୍ନତି ନିମିତ ଉଦ୍ଦିଷ୍ଟ ଥିବା ଉଠାଜଳସେଚନ ପ୍ରକଳ୍ପ ଗୁଡିକର ସୁଚାରୁ ରୂପେ କାର୍ଯ୍ୟକାରିତାରେ ସହାୟକ ହେବ ।

୪. ନିରବିଚ୍ଛିନ୍ନ ବିଦ୍ୟୁତସେବା ଉପଲବ୍ଧ ହେଲେ ଶିଳ୍ପ ପ୍ରତିଷ୍ଠାନ ଗୁଡିକୁ ସେଠାକୁ ଆକର୍ଷିତ କରାଯାଇପାରିବ ଯାହାଦ୍ୱାରା ସେ ଅଂଚଳରେ ବେକାର ସମସ୍ୟା ଦୂରୀକରଣରେ ସହାୟକହେବ ।

୫. ଏହି ପ୍ରକଳ୍ପଟି ଅତି ଉଚ୍ଚମାନର ନୂତନ ବୈଷୟିକ ପଦ୍ଧତିରେ ନିର୍ମାଣକରାଯିବ ।

୬. ଉକ୍ତ ପ୍ରକଳ୍ପଟି ସମ୍ପୂର୍ଣ୍ଣଭାବରେ ସୁରକ୍ଷିତ ଏବଂ ପରିବେଶ ଅନୁକୂଳ ପ୍ରକଳ୍ପ ଅଟେ ଯାହାକି ଅନ୍ୟ ସହରରେ ମଧ (ଓପିଟିସିଏଲ) ଦ୍ୱାରା ନିର୍ମାଣ କରାଯାଇଛି ଏବଂ ଏହା ସେଠାକାର ଜନସାଧାରଣଙ୍କୁ ନିରବିଚ୍ଛିନ୍ନ ସେବା ଯୋଗାଇବାରେ ସହାୟକ ହେଉଅଛି ।

୭. ଉକ୍ତ ପ୍ରକଳ୍ପଟି ଜନବସତି ଏବଂ ବିଦ୍ୟାଳୟ ଠାରୁ ଏକ ସୁରକ୍ଷିତ ଦୂରତାରେ ଅବସ୍ଥିତ ଏବଂ ଉପସାଧାରଣ ପରିଚାଳକ (ବିଦ୍ୟୁତ) ଅତ୍ୟୁଚ୍ଚ ଶକ୍ତିସମ୍ପନ୍ନ (ନିର୍ମାଣ) ବିଭାଗ ,କେନ୍ଦୁଝର ଓ ଦଶରଥପୁର ତହସିଲଦାରଙ୍କ ମିଳିତ ତଦନ୍ତ ରିପୋର୍ଟ ରେ ଉଲ୍ଲେଖ କରିଛନ୍ତି କି ଯେ ଉକ୍ତ ପ୍ରକଳ୍ପର ଅଧିକାଂଶ ସରଞ୍ଜାମ ଏକ ଗୃହ ମଧରେ ଆବଦ୍ଧ ରହିବ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ଏକ ସୁରକ୍ଷିତ ପ୍ରକଳ୍ପ ଅଟେ ।

୮. (ଓପିଟିସିଏଲ) ର ପଦାଧିକାରୀ ଉଲ୍ଲେଖ କରିଛନ୍ତି ଯେ ପ୍ରସ୍ତାବିତ ପ୍ରକଳ୍ପ ଚତୁର୍ପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯିବ ଏବଂ କର୍ମଚାରୀ ମାନେ ମଧ ଉକ୍ତ ପ୍ରକଳ୍ପର ପରିସରରେ ରହିବେ ଏହାଛଡା ସେ ପ୍ରତିଶୃତି ଦେଇଛନ୍ତି ଯେ ଉକ୍ତ ପ୍ରକଳ୍ପ ଦ୍ୱାରା ବର୍ତ୍ତମାନ କିମ୍ବା ଭବିଷ୍ୟତରେ କୌଣସି ବିପଦ ସୃଷ୍ଟି ହେବ ନାହିଁ । ସ୍ଥାନୀୟ ଜନପ୍ରତିନିଧି ମଧ ପ୍ରସ୍ତାବିତ ପ୍ରକଳ୍ପ ପରିଦର୍ଶନ ପରେ ସନ୍ତୋଷ ପ୍ରକାଶ କରିଛନ୍ତି ।

. ଜନସାଧାରଣଙ୍କର ସାମାଜିକ, ଅର୍ଥନୈତିକ ମାନଦଣ୍ଡର ବିକାଶ ପାଇଁ ଉକ୍ତ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଅଛି ।

ଯାଜପୁରର ରାଣୁଆ ଠାରେ ଉପରୋକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପାରିଲେ ସାମୁହିକ ଉନ୍ନତି ସମ୍ଭବ ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସଙ୍ଗେସଙ୍ଗେ ପ୍ରକଳ୍ପକାର୍ଯ୍ୟ ପାଇଁ ସହମତି ପ୍ରକାଶକରନ୍ତି ।

ସର୍ବଶେଷରେ ଆବାହକ-ତଥା-ଉପଜିଲ୍ଲାପାଳ, ଯାଜପୁର ଉପସ୍ଥିତ ଥିବା ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେବା ସହିତ ସଭାସାଙ୍ଗ କରାଯାଇଥିଲା ।

ବିଶ୍ୱମୋହନ ମହାନ୍ତି ୨୦.୦୪.୨୦୨୩

ଅଧ୍ୟକ୍ଷ-ତଥା-ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)

ଯାଜପୁର

# ଜିଲ୍ଲାପାଳଙ୍କକାର୍ଯ୍ୟାଳୟ, ଯାଜପୁର

## (ଭୂ-ଅର୍ଜନ (ସିଭିଲ) ଉପ-ବିଭାଗ)

## ବିଜ୍ଞାପନ

ସଂଖ୍ୟା ୪୧୬୫ ତା. ୨୧.୦୪.୨୦୨୩

ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତମୂଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ-୨୦୧୩ ଧାରା ୭ ର ଉପଧାରା ୧ ମୁତାବକ "୨*୪୦ ଏମ୍‌ଭିଏ ୨୨୦/୩୩ କେଭି ଗ୍ରୀଡ ସବଷ୍ଟେସନ ସ୍ଥାପନ 'ନିମନ୍ତେ ପ୍ରକଳ୍ପ,ରାଣୁଆ ମୌଜା, ଦଶରଥପୁର ତହସିଲ ଯାଜପୁର ଜିଲ୍ଲା ପାଇଁ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀ ମୂଲ୍ୟାଙ୍କନ ନିମିତ ଗଠିତ ସ୍ୱତନ୍ତ୍ର ବହୁଶୃଙ୍ଖଳୀୟ ବିଶେଷଜ୍ଞ ଗୋଷ୍ଠୀର ତା.୧୧.୦୪.୨୦୨୩ରିଖ ପୂର୍ବାହ୍ନ୧୦:୩୦ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ),ଯାଜପୁରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକ ବିବରଣୀ ଓ ସୁପାରିସ ସମ୍ପର୍କୀୟ ବିଜ୍ଞାପନ ଓଡିଶା ଭୂ-ଅର୍ଜନ ପୁର୍ନବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଛତା ଅଧିକାର ନିୟମ, ୨୦୧୬ ର ଧାରା ୧୬ ମୁତାବକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ସଲଗ୍ନ କରାଯାଇ ପ୍ରକାଶ କରାଗଲା । ଏହ ବିଜ୍ଞପ୍ତି ଓଡିଶା ରାଜ୍ୟ ସରକାର ଏବଂ ଯାଜପୁର ଜିଲ୍ଲାପାଳଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ- ଯାଜପୁର

ଜ୍ଞାପକସଂଖ୍ୟା. ୪୧୬୬ ତା. ୨୧.୦୪.୨୦୨୩

ଏହାର ଏକକିତା ନକଲ ବିଶେଷଜ୍ଞ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କ ଅବଗତି ନିମନ୍ତେ ପ୍ରେରଣକରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ- ଯାଜପୁର

ଜ୍ଞାପକସଂଖ୍ୟା. ୪୧୬୭ ତା. ୨୧.୦୪.୨୦୨୩

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ଯାଜପୁର/ଭୂ-ଅର୍ଜନ ଅଧିକାରୀ(ସିଭିଲ), ଉପସାଧାରଣ ପରିଚାଳକ (ବିଦ୍ୟୁତ),ଅତ୍ୟୁଚ୍ଚ ଶକ୍ତିସମ୍ପନ୍ନ (ନିର୍ମାଣ) ବିଭାଗ ,କେନ୍ଦୁଝର, ଦଶରଥପୁର /ତହସିଲଦାର,ଖଣ୍ଡରା ସରପଞ୍ଚ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା। ଭୂ-ଅର୍ଜନ ଅଧିକାରୀ(ସିଭିଲ), ଯାଜପୁରଙ୍କୁ ବିଜ୍ଞାପନର ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନର ଗୋଟିଏ ନକଲ ରାଣୁଆ ମୌଜାର ଅନ୍ତତଃ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରିବେ ଏବଂ ଜିଲ୍ଲାପାଳ, ଯାଜପୁରଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଗଲା ।

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ- ଯାଜପୁର

ଜ୍ଞାପକସଂଖ୍ୟା. ୪୯୬୮ ତା. ୨୯.୦୪.୨୦୨୩

ଏହାରଏକକିତା ନକଲ ଯୁଗ୍ମଶାସନ ସଚିବ, ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନାବିଭାଗ, ଓଡିଶା/ ଯୁଗ୍ମଶାସନ ସଚିବ, ଶକ୍ତି ବିଭାଗ, ଓଡିଶା / ଯୁଗ୍ମଶାସନ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ଵ ଆୟୁକ୍ତ ଙ୍କ କାର୍ଯ୍ୟାଳୟ କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଓଡିଶା ସରକାରଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶନ କରିବାପାଇଁ ଅନୁରୋଧ କରାଗଲା।

ଦିବ୍ୟ ଲୋଚନ ମହାନ୍ତି ୨୦.୦୪.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ଵ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ- ଯାଜପୁର

ଜ୍ଞାପକସଂଖ୍ୟା. ୪୯୬୯ ତା. ୨୯.୦୪.୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ନୋଟିସ୍‌ବୋର୍ଡ/ ଜିଲ୍ଲାସୂଚନା ଓ ବିଜ୍ଞାନ ଅଧିକାରୀ, ଯାଜପୁରକ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନ ଜିଲ୍ଲାପାଳ, ଯାଜପୁର ୱେବ୍‌ସାଇଟ୍‌ରେ ତୁରନ୍ତ ପ୍ରକାଶନ କରିବେ ।

ଦିବ୍ୟ ଲୋଚନ ମହାନ୍ତି ୨୦.୦୪.୨୦୨୩

ଅତିରିକ୍ତ ଜିଲ୍ଲାପାଳ (ରାଜସ୍ଵ)-ତଥା-ଅଧ୍ୟକ୍ଷ
ବିଶେଷଜ୍ଞଗୋଷ୍ଠୀ- ଯାଜପୁର